ଓଡ଼ିଶା ସରକାର

# ଶକ୍ତି କ୍ଲବ
# ମାର୍ଗଦର୍ଶିକା


ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ (ସି.ଇ.ଏସ୍)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

ପ୍ରମୁଖ ଯନ୍ତ୍ରୀ (ବିଦ୍ୟୁତ)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡ଼ିଶା

ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ, ଓଡ଼ିଶା
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

# ENERGY CONSERVATION




*It's in your hand*



**ଡ. କେ. ମୁରୁଗେସନ,** ଆଇ.ଏଫ୍.ଏସ୍

**ନିର୍ଦ୍ଦେଶକ,** ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

# ବାର୍ତ୍ତା

ଦେଶର ଭବିଷ୍ୟତ ଅର୍ଥାତ୍ ଛାତ୍ର-ଛାତ୍ରୀମାନଙ୍କୁ ଶକ୍ତି ସଂରକ୍ଷଣ ତଥା ତତ୍‌ସମ୍ପର୍କୀୟ ସମସ୍ୟା ବିଷୟରେ ସଚେତନ କରାଇବା ଓ ଶକ୍ତି ସଞ୍ଚୟ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ଅଂଶ ଗ୍ରହଣ ପାଇଁ ଓଡ଼ିଶା ସରକାରଙ୍କର ଶକ୍ତି ବିଭାଗ ଆନୁକୂଲ୍ୟରେ ପରିଚାଳିତ ଶକ୍ତି କ୍ଲବ କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଶକ୍ତି ସଂରକ୍ଷଣର ଏହି ଅଭିଯାନକୁ ବାସ୍ତବିକ୍ ରୂପରେଖ ଦେବାପାଇଁ ଓଡ଼ିଶାରେ ୨୦୨୧-୨୨ରେ ୧,୦୦୦ଟି ଓ ୨୦୨୩-୨୪ରେ ୭,୬୭୯ଟି ଶକ୍ତି କ୍ଲବ ଗଠନ କରାଯାଇଅଛି।

ଏହିଭଳି ବର୍ତ୍ତମାନ ରାଜ୍ୟରେ ୮,୬୭୯ ଉଚ୍ଚ ବିଦ୍ୟାଳୟରେ ଶକ୍ତି କ୍ଲବ କାର୍ଯ୍ୟ କରୁଅଛି। ସମସ୍ତ ବିଦ୍ୟାଳୟ 'ମୋ ସ୍କୁଲ୍' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ। ଶକ୍ତି କ୍ଲବ୍ ସ୍କୁଲ୍‌ର ଛାତ୍ର-ଛାତ୍ରୀମାନେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ସହିତ ଆମ ପରିବେଶ ପ୍ରଦୂଷଣକୁ ରୋକିବାରେ ମଧ୍ୟ ସହାୟକ ହେବେ ।

'ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ (ସି.ଇ.ଏସ୍)' ଏବଂ 'ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ଓ ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା' ଦ୍ୱାରା ଏହି ନିୟମାବଳୀର ପ୍ରକାଶନ ଯାହା ଶକ୍ତି କ୍ଲବ କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଶେଷ ସହାୟକ ହେବ।

ମୁଁ ଆଶାକରେ ଏହି ନିୟମାବଳୀକୁ ଆଧାରକରି ଶକ୍ତି କ୍ଲବଗୁଡ଼ିକ ଅନେକ ଶକ୍ତି ସଂରକ୍ଷଣଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଫଳତା ହାସଲ କରିବା ସହିତ ରାଜ୍ୟରେ ଶକ୍ତି ସଞ୍ଚୟ ଏବଂ ପରିବେଶ ସୁରକ୍ଷା ଦିଗରେ ସାହାଯ୍ୟ କରିବେ।

(କେ.ମୁରୁଗେସନ)

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଉପକ୍ରମ | ୦୫ |
| ୨. | ଲକ୍ଷ୍ୟାବଳୀ | ୦୬ |
| ୩. | ପରିବ୍ୟାପ୍ତି | ୦୬ |
| ୪. | ସଭ୍ୟ ଗ୍ରହଣ | ୦୬ |
| ୫. | ପ୍ରଣାଳୀ | ୦୭ |
| ୬. | ଶକ୍ତି କ୍ଲବ୍‌ର କାର୍ଯ୍ୟକ୍ରମ | ୦୮ |
| ୭. | ମାର୍ଗଦର୍ଶକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଭୂମିକା | ୦୯ |
| ୮. | ମାର୍ଗଦର୍ଶକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ | ୧୦ |
| ୯. | ରାଜ୍ୟ ନୋଡାଲ୍ ଏଜେନ୍ସୀର ଭୂମିକା | ୧୦ |
| ୧୦. | Reporting Format | |
| | a) Quarterly Reporting Format for Energy Club | ୧୧ |
| | b) Annual Reporting Format for Energy Club | ୧୨ |



# ଶକ୍ତି କ୍ଲବ

ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ "ଆମେ ବଞ୍ଚିବା ପାଇଁ ଅନେକ ପ୍ରାକୃତିକ ସମ୍ପଦ ରହିଛି ହେଲେ ନିଜର ଆବଶ୍ୟକତାଠାରୁ ଅଧିକ ଅପଚୟ ପାଇଁ ନୁହେଁ"।

ଦେଶର ଅର୍ଥନୈତିକ ସମୃଦ୍ଧି ନିମନ୍ତେ ଶକ୍ତିର କାର୍ଯ୍ୟଦକ୍ଷତା ଓ ସୁପରିଚାଳନା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଶକ୍ତି ଆମ ପ୍ରଗତି ନିମନ୍ତେ ଏକ ମୌଳିକ ଅଂଶ। ସମାଜର ଆବଶ୍ୟକତା ଦୃଷ୍ଟିରୁ ଉନ୍ନତ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ବର୍ତ୍ତମାନ ଓ ଆଗାମୀ ପିଢ଼ୀର ବ୍ୟବହାର ନିମନ୍ତେ ଶକ୍ତିର ସଂରକ୍ଷଣ, ସୁନିୟନ୍ତ୍ରଣ ଓ ସୁବିନିଯୋଗ ଏକାନ୍ତ ଆବଶ୍ୟକ।

କୌଣସି ଦେଶର ଅର୍ଥନୈତିକ ପ୍ରଗତି କେତେ ତାହା ସେହି ଦେଶର ଶକ୍ତି ଉପଯୋଗରୁ ଜଣାଯାଇଥାଏ। ଦେଶର ବୈଜ୍ଞାନିକ ଓ କାରିଗରୀ କୌଶଳର ପ୍ରଗତି ପାଇଁ ସେ ଦେଶର ଗୁଣାତ୍ମକ ଶକ୍ତି ଉପରେ ଉପଲବ୍ଧି ଗୁରୁତ୍ୱପୂର୍ଣ୍ଣ ଅଟେ। ସମସ୍ତ ପ୍ରକାର ସ୍ଥାୟୀ ଉନ୍ନୟନ ଓ ଦାରିଦ୍ର୍ୟ ଦୂରିକରଣ ଉଦ୍ୟମର କେନ୍ଦ୍ରବିନ୍ଦୁ ହେଉଛି ଶକ୍ତିର ଅନୁସଂଧାନ, ଉତ୍ପାଦନ ଓ ସଂରକ୍ଷଣ। ଏହା ସାମାଜିକ, ଅର୍ଥନୈତିକ, ପରିବେଶ ସହିତ ଜୀବନଯାପନ ଶୈଳୀ, କୃଷି ଉତ୍ପାଦନ ଆଦି ବିଭିନ୍ନ ପ୍ରଗତିର ଦିଗକୁ ପ୍ରଭାବିତ କରିଥାଏ। ପ୍ରଗତିଶୀଳ ରାଷ୍ଟ୍ରମାନଙ୍କର ଉନ୍ନୟନ ଲକ୍ଷ୍ୟ ମଧ୍ୟରୁ କୌଣସି ଗୋଟିଏ ହେଲେ ଲକ୍ଷ୍ୟ ଶକ୍ତିର କାର୍ଯ୍ୟଦକ୍ଷତା ଓ ସୁବିନିଯୋଗ ବିନା ପୂରଣ ହୋଇ ପାରିବ ନାହିଁ।

ଏହାକୁ ଦୃଷ୍ଟିରେ ରଖି, ଓଡିଶା ସରକାରଙ୍କ ଶକ୍ତି ବିଭାଗ ଅନୁମୋଦନରେ ଆର୍ଥିକ ବର୍ଷ ୨୦୨୧-୨୨ରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ଏସ.ଡି.ଏ., ଓଡିଶା ଦ୍ୱାରା ୧୦୦୦ଟି ବିଦ୍ୟାଳୟରେ ଶକ୍ତି କ୍ଲବ ଗଠନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅଧିକ ୭,୬୭୯ଟି ସ୍କୁଲରେ ଶକ୍ତି କ୍ଲବ ଗଠନ କରାଯାଇଅଛି। ସମସ୍ତ ବିଦ୍ୟାଳୟ "ମୋ ସ୍କୁଲ୍" କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ । ତେଣୁ "ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ"ର ପ୍ରମୁଖ ସହଯୋଗ ଏହି କାର୍ଯ୍ୟକ୍ରମରେ ରହିବ । ଶକ୍ତି କ୍ଲବ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା, ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ଶକ୍ତି ସମ୍ବନ୍ଧୀୟ ଜ୍ଞାନ ପ୍ରସାର କରିବା ଓ ଶକ୍ତି ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର-ଛାତ୍ରୀ ତଥା ସମାଜରେ ସଚେତନତା ସୃଷ୍ଟି କରିବା । ଏହି ବିଦ୍ୟାଳୟମାନେ ତାଙ୍କ ବିଦ୍ୟାଳୟରେ ଜଣେ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ଦାୟିତ୍ୱରେ ଛାତ୍ର-ଛାତ୍ରୀମାନଙ୍କୁ ନେଇ 'ଶକ୍ତି କ୍ଲବ' ଗଠନ କରି ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ଶକ୍ତି ସମ୍ବନ୍ଧୀୟ ଜ୍ଞାନ ପ୍ରସାର କରିବେ ଓ ଛାତ୍ର-ଛାତ୍ରୀମାନଙ୍କୁ ନେଇ ଶକ୍ତି ସଂରକ୍ଷଣ ସଚେତନତା ସଂପର୍କୀତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ ।

## ଲକ୍ଷ୍ୟାବଳୀ

- ଶକ୍ତି ସଂରକ୍ଷଣ ବିଷୟରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା।
- ଶକ୍ତି ସମ୍ପର୍କିତ ସମସ୍ୟା ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଏବଂ ସମାଧାନର ବାଟ ଅନ୍ୱେଷଣ କରିବା ନିମନ୍ତେ ସୁଯୋଗ ଦେବା।
- ନିଜ ଚାରିପାଖରେ ଶକ୍ତି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ଏହାର ସମାଧାନ ଓ ଜନ ସମାଜରେ ସଚେତନତା ସୃଷ୍ଟି କରିବାରେ ପିଲାମାନଙ୍କୁ ଉତ୍ସାହିତ କରିବା।

## ପରିବ୍ୟାପ୍ତି

ଏହି ଶକ୍ତି କ୍ଲବ କାର୍ଯ୍ୟକ୍ରମ ରାଜ୍ୟରେ ୩୦ଟି ଜିଲ୍ଲାରେ ୮,୬୭୯ଟି ବିଦ୍ୟାଳୟରେ ଶକ୍ତି କ୍ଲବ ଗଠନ କରାଯାଇଅଛି।

## ସଭ୍ୟ ଗ୍ରହଣ

ପ୍ରତ୍ୟେକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ର-ଛାତ୍ରୀଙ୍କ ମଧ୍ୟରୁ ୩୦ ଜଣ ଶକ୍ତି କ୍ଲବ୍‌ର ସଭ୍ୟ ହେବେ।

## ପ୍ରଣାଳୀ

- ପ୍ରତ୍ୟେକ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ର-ଛାତ୍ରୀଙ୍କ ମଧ୍ୟରୁ ୩୦ ଜଣଙ୍କୁ ନେଇ ଶକ୍ତି କ୍ଲବ ଗଠନ କରିବେ।
- ଉପରୋକ୍ତ ଛାତ୍ରଛାତ୍ରୀ ଏହାର ସଭ୍ୟ ହେବେ।
- ଶକ୍ତି କ୍ଲବ ଦାୟିତ୍ୱରେ ସଂପୃକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ଏହାର ମାର୍ଗଦର୍ଶକ ଭାବେ ଦାୟିତ୍ୱ ତୁଲାଇବେ।
- ଏହି କାର୍ଯ୍ୟକ୍ରମ ନିମନ୍ତେ ପ୍ରତି ଶକ୍ତି କ୍ଲବକୁ ବାର୍ଷିକ ଟ.୧୦,୦୦୦ଙ୍କା ଅନୁଦାନ ସ୍ୱରୂପ ଯୋଗାଇ ଦିଆଯାଉଛି। ଯାହାକୁ ସେମାନେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଶକ୍ତି ସଂରକ୍ଷଣ ଦିଗରେ ଖର୍ଚ୍ଚକରିବେ। ପିଲାମାନେ ଏହି କାର୍ଯ୍ୟକ୍ରମଦ୍ୱାରା ନିଜ ବିଦ୍ୟାଳୟ ଓ ନିଜ ଆଖପାଖ ଅଞ୍ଚଳରେ ଶକ୍ତି ସଂରକ୍ଷଣର ସଚେତନତା ସୃଷ୍ଟି କରିବେ।
- ବିଦ୍ୟାଳୟର ପିଲାମାନଙ୍କ ସହଯୋଗରେ ସମାଜରେ ସଚେତନତା ସୃଷ୍ଟି କରିବା।
- ଏହି କାର୍ଯ୍ୟକ୍ରମକୁ ସଫଳ ଓ ଦିଗ୍‌ଦର୍ଶନ ଦେବାରେ ପ୍ରତି ଜିଲ୍ଲାର ସମସ୍ତ ମାଷ୍ଟର ଟ୍ରେନର; ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ ଏବଂ ଜିଲ୍ଲା ପରିଚାଳନା ଓ ତଦାରଖ କମିଟି ସାହାଯ୍ୟ କରିବେ।
- ରାଜ୍ୟ ନୋଡାଲ ଏଜେନ୍ସି (ସି.ଇ.ଏସ୍.) ସମସ୍ତ ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରିବେ।
- ଶକ୍ତି କ୍ଲବ୍‌ର କାର୍ଯ୍ୟକ୍ରମଗୁଡ଼ିକ ପ୍ରତିମାସ ତଦାରଖ କରାଯିବ। ବର୍ଷସାରା କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ଶ୍ରେଷ୍ଠ ଶକ୍ତି କ୍ଲବକୁ ପୁରସ୍କାର ଦେବାର ଯୋଜନା ରହିଛି।
- ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧିନସ୍ଥ ସେଣ୍ଟର ଫର୍ ଏନଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ (ସି.ଇ.ଏସ) ରାଜ୍ୟ ନୋଡାଲ ସଂସ୍ଥାଭାବେ ତଦାରଖ କରିବେ।
- ଅଧିକ ପରାମର୍ଶ ପାଇଁ ଶକ୍ତି କ୍ଲବ ରାଜ୍ୟ ନୋଡାଲ ଏଜେନ୍ସି କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ।

## ଶକ୍ତି କ୍ଲବର କାର୍ଯ୍ୟକ୍ରମ

ଶକ୍ତି କ୍ଲବ ପାଇଁ ନିମ୍ନୋକ୍ତ କିଛି କାର୍ଯ୍ୟକ୍ରମ ଦିଆଗଲା। ଏହାବ୍ୟତୀତ ଶକ୍ତି କ୍ଲବରେ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ କରାଯିବ।

- ପିଲାମାନଙ୍କୁ ନେଇ ନିଜ ବିଦ୍ୟାଳୟ ଓ ନିକଟସ୍ଥ ଅଞ୍ଚଳରେ ବିଭିନ୍ନ ରୂପରେ ବ୍ୟବହାର ହେଉଥିବା ଶକ୍ତିର ଉତ୍ସ ଅନୁସଂଧାନ କରିବା।
- ବିଦ୍ୟାଳୟର ପିଲାମାନଙ୍କୁ ନେଇ ନିଜ ଘରେ ଓ ନିକଟସ୍ଥ ଅଞ୍ଚଳବାସୀଙ୍କ ଘରେ ଶକ୍ତି ବ୍ୟବହାର ତାଲିକା ଓ ମୋଟ ବ୍ୟବହାର ହେଉଥିବା ଶକ୍ତିର ହିସାବ କରିବା।
- ପିଲାମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଶକ୍ତିର ବ୍ୟବହାର ଅପଚୟର ତାଲିକା ତିଆରି ଏବଂ ତାହାର ସମାଧାନର ସୂତ୍ର ବାହାର କରିବା / ଅନୁସଂଧାନ କରିବା।
- ଷ୍ଟାର ଲେବଲିଂ ଯନ୍ତ୍ରପାତିକୁ ପ୍ରୋତ୍ସାହିତ କରିବେ, କାରଣ ଏହା ଶକ୍ତି ମୂଲ୍ୟାୟନ ପ୍ରଣାଳୀର ଏକ ପରିଚୟ।
- ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଜଡିତ କରି ସର୍ବେକ୍ଷଣ, ତୁଳନା, ଶ୍ରେଣୀକରଣ ମାଧ୍ୟମରେ ଉନ୍ନତ ଚିନ୍ତାଧାରାର ଆବିଷ୍କାର ଏବଂ ସବିଶେଷ ରିପୋର୍ଟ ତିଆରି କରିବା।
- ଶକ୍ତି ସଂରକ୍ଷଣ ସହିତ ଜଡିତ ଯେକୌଣସି ବିଷୟ ବସ୍ତୁକୁ ନେଇ ପିଲାମାନେ ମଡେଲ ତିଆରି କରିବେ ଯାହା ସ୍ୱଳ୍ପ ଖର୍ଚ୍ଚରେ ବା ବିନା ଖର୍ଚ୍ଚରେ ହୋଇପାରୁଥିବ। ଶକ୍ତିରଉତ୍ସ, ଶକ୍ତି ପ୍ରଣାଳୀ, ଶକ୍ତି ଏବଂ ସମାଜ, ଶକ୍ତି ଏବଂ ପରିବେଶ, ଶକ୍ତି ସଂରକ୍ଷଣ ଓ ପରିଚାଳନା ଇତ୍ୟାଦି ବିଷୟବସ୍ତୁ ଚୟନ କରାଯାଇ ପାରିବ। ଏହାଛଡା ଅନ୍ୟାନ୍ୟ ପ୍ରଯୁଜ୍ୟ ବିଷୟବସ୍ତୁ ମାର୍ଗ ଦର୍ଶକ ଶିକ୍ଷକଙ୍କ ସହମତିରେ ନିଆଯାଇପାରିବ।
- ବିଦ୍ୟାଳୟରେ ପ୍ରତିବର୍ଷ ୧୪ ଡିସେମ୍ବରରେ ଶକ୍ତି ସଂରକ୍ଷଣ ଦିବସ ପାଳନ କରିବା।
- ଶକ୍ତି ସମୀକ୍ଷା– ଏହା ପିଲାମାନେ ନିର୍ଦ୍ଧାରିତ ପ୍ରଣାଳୀ ନିଜ ବିଦ୍ୟାଳୟରେ, ନିଜ ଘରେ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ କରିବେ। ଏହି ସମୀକ୍ଷା କାର୍ଯ୍ୟ– ପିଲାମାନଙ୍କ ଦ୍ୱାରା ବିଭିନ୍ନ ରୂପେ ଭାଗ/ଦଳ ହୋଇ ବିଦ୍ୟାଳୟ ଓ ଘରେ କରିବେ। ଏହାର ରିପୋର୍ଟ (ମାର୍ଗ ଦର୍ଶକ ଶିକ୍ଷକଙ୍କ ଦ୍ୱାରା) ନୋଡାଲ ଏଜେନ୍ସି ଠାରେ ଜମା କରିବେ।

ଏହି ସମସ୍ତ କାର୍ଯ୍ୟ ପିଲାମାନେ, ତାଙ୍କ ମାର୍ଗଦର୍ଶକ ଶିକ୍ଷକ ଓ ଅଭିଭାବକଙ୍କ ତତ୍ତ୍ୱାବଧାନରେ କରିବା ଆବଶ୍ୟକ।

- ପ୍ରତିଯୋଗିତା କାର୍ଯ୍ୟକ୍ରମ - ଶକ୍ତି ସଂରକ୍ଷଣ ସଂପର୍କୀତ ପ୍ରତିମାସ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରିବେ। ଏହି ପ୍ରତିଯୋଗିତା ମଧ୍ୟରେ ରହିଛି ପ୍ରବନ୍ଧ/ ତର୍କ /ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ (କୁଇଜ୍)/ ଚିତ୍ରାଙ୍କନ/ ପ୍ରଦର୍ଶନୀ/ ଦଳଗତ ଆଲୋଚନା/ ସ୍ଲୋଗାନ୍/ ନାଟକ ଇତ୍ୟାଦି। ମାର୍ଗ ଦର୍ଶକ ଶିକ୍ଷକ ବିଦ୍ୟାଳୟର ପିଲାମାନଙ୍କୁ ପ୍ରତିଯୋଗିତାରେ ଭାଗନେବାପାଇଁ ଉତ୍ସାହିତ କରିବେ ଏବଂ ସେମାନଙ୍କ ମଧ୍ଯରୁ ସଫଳ ପ୍ରତିଯୋଗୀଙ୍କୁ ଚୟନକରି ସବିଶେଷ ରିପୋର୍ଟ ନୋଡାଲ ସଂସ୍ଥା ନିକଟରେ ଦାଖଲ କରିବେ।
- ସଚେତନତା କାର୍ଯ୍ୟକ୍ରମ - ଶକ୍ତି କ୍ଲବ ତାଙ୍କର ପିଲାମାନଙ୍କୁ ନେଇ ପଦଯାତ୍ରା/ ପଥପ୍ରାନ୍ତ ନାଟକ / ପୋଷ୍ଟର ପ୍ରଦର୍ଶନୀ / ସଭା/ leaflet ବଣ୍ଟନ / ଘର ଘରକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ଇତ୍ୟାଦି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା।
- ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ସହିତ ଫଟୋ ମଧ୍ୟ ନୋଡାଲ ସଂସ୍ଥାକୁ ପଠାଇବେ।
- ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟତ୍ରୀ ତାଙ୍କ ବିଦ୍ୟାଳୟର ପିଲାମାନଙ୍କୁ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ଶିକ୍ଷା ନିୟମିତ ବ୍ୟବଧାନରେ ଯୋଗାଇବେ।
- ରାଜ୍ୟ ନୋଡ଼ାଲ ଏଜେନ୍ସି ତରଫରୁ ସମୟ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଶକ୍ତି କ୍ଲବ୍‌କୁ ସୂଚନା ଦିଆଯିବ, ତଦନୁଯାୟୀ ଶକ୍ତି କ୍ଲବ୍ ସହଯୋଗ କରିବେ।

## ମାର୍ଗ ଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭୂମିକା

ଶକ୍ତି କ୍ଲବ ଯୋଜନାର ସଫଳ ରୂପାୟନ ପାଇଁ ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶକ୍ତି କ୍ଲବରେ ସଭ୍ୟ ହେବା ନିମନ୍ତେ ସେ ପିଲାମାନଙ୍କୁ ଉତ୍ସାହିତ କରିବେ ଏବଂ ନିଜ ଅଞ୍ଚଳରେ ଉପଯୋଗୀ ମନଛୁଆଁ କାର୍ଯ୍ୟକ୍ରମ ସବୁର ଆୟୋଜନ କରିବେ। ପ୍ରତ୍ୟେକ ଶକ୍ତି କ୍ଲବରେ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀ ମାର୍ଗଦର୍ଶକ ଶିକ୍ଷକ ବା ଶିକ୍ଷୟିତ୍ରୀ ଭାବେ ବିଦ୍ୟାଳୟ ଦ୍ୱାରା ଚୟନ ହେବେ ।

## ମାର୍ଗଦର୍ଶକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ

- ପ୍ରତି ସପ୍ତାହରେ ଶକ୍ତି କ୍ଲବର ସଦସ୍ୟମାନଙ୍କୁ ଅନ୍ତତଃ ଘଣ୍ଟାକ ପାଇଁ ଏକାଠି କରି କିଛି କାର୍ଯ୍ୟକ୍ରମ କରାଇବା।
- ଆସନ୍ତା ସପ୍ତାହ ଗୁଡିକରେ ନୂଆ କାର୍ଯ୍ୟକ୍ରମ ବିଷୟରେ ଚିନ୍ତା କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ଓ ସେହି କାର୍ଯ୍ୟକ୍ରମ ସବୁର ତାଲିକା କରି ପ୍ରଧାନ ଶିକ୍ଷକଙ୍କ ପରାମର୍ଶରେ ରୂପାୟନ ପାଇଁ ପ୍ରସ୍ତୁତ କରିବା।
- ରାଜ୍ୟ ନୋଡାଲ ଏଜେନ୍ସିକୁ ତ୍ରୟମାସିକ ରିପୋର୍ଟ ପଠାଇବା। ସମସ୍ତ ରିପୋର୍ଟ ଡାକଯୋଗେ, ଇ-ମେଲ୍ ଏବଂ ନିର୍ଦ୍ଦିଷ୍ଟ ଲିଙ୍କ୍‌ରେ ପଠାଇବା।
- ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ ରଖି ଜିଲ୍ଲାସ୍ତରୀୟ ସାଧାରଣ କାର୍ଯ୍ୟକ୍ରମଗୁଡିକୁ ସ୍ଥିର କରିବା।

## ରାଜ୍ୟ ନୋଡାଲ ଏଜେନ୍ସିର ଭୂମିକା

- ମାର୍ଗ ଦର୍ଶକ ଶିକ୍ଷକ-ଶିକ୍ଷୟତ୍ରୀମାନଙ୍କୁ ତାଲିମ ଦେବା।
- ଶକ୍ତି କ୍ଲବକୁ ସମସ୍ତ ସହାୟତା ଓ ସାଧନ ପୁସ୍ତିକା ଯୋଗାଇବା।
- ଶକ୍ତି କ୍ଲବର କାର୍ଯ୍ୟକ୍ରମ ବିବରଣୀ ସଂଗ୍ରହ କରିବା।
- ଶକ୍ତିକ୍ଲବମାନଙ୍କର କାର୍ଯ୍ୟକ୍ରମ ଗୁଡିକୁ ତଦାରଖ କରିବା।
- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ଏସ.ଡି.ଏ., ଓଡିଶାଙ୍କ ପରାମର୍ଶରେ ଶ୍ରେଷ୍ଠ ଶକ୍ତି କ୍ଲବ ଚୟନ କରିବା।
- ଶକ୍ତି କ୍ଲବ୍‌ର କାର୍ଯ୍ୟକ୍ରମ ସଂପର୍କରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ଓ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ସୂଚନା ଦେବା ସହ ଯୋଗାଯୋଗ ରଖିବା।

ଆଶା କରାଯାଏ, ଆଗାମୀ ଦିନମାନଙ୍କରେ ଶକ୍ତି କ୍ଲବର କାର୍ଯ୍ୟକଳାପ ଛାତ୍ର-ଛାତ୍ରୀ ତଥା ଜନସାଧାରଣଙ୍କ ମନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ତାହା ହିଁ ଆମର ସ୍ୱପ୍ନର ଓଡିଶା ଗଠନ ଦିଗରେ ସହାୟ ହେବ।

# Quarterly Reporting Format for Energy Club

| | |
|---|---|
| **Year** | |
| **Month** | |
| **Name of the District** | |
| **Name of the Block** | |
| **Name of Energy Club** | |
| **Name of Energy Club In-charge Teacher** | |
| **Contact details-**<br>**Mobile (WhatsApp):**<br>**Tel. No:**<br>**Email Id:** | |

**Details of the Activities:**

| Sl. No. | Activities | Date of the Activities | Location | Target Group | Number of Participants (No. of Students/ Teachers/ Other Members ) | Write-up (Summary of the Activities) |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

Note: Attach relevant good quality photographs, newspaper clippings etc for each activity.

Signature of the
Energy club In-Charge Teacher

# Annual Reporting Format for Energy Club

This annual report is to be submitted to the State Nodal Agency, Centre for Environmental Studies, Forest, Environment & Climate Change Department, Government of Odisha by each energy club along with the Utilisation Certificate by 15th of April. Energy clubs will submit their **Utilisation Certificate as per OGFR-7 format.** They are also requested to submit their success stories and good quality photographs of their activities. The Utilisation Certificate must be signed with seal by Head of the Institute.

**Details of the School :**

| | |
|---|---|
| Name of the School | |
| Strength/ Enrolment of the School(Boys, Girls) | |
| Complete postal address (with e-mail,phone number etc.) | |
| Name of the teacher in-charge | |
| Phone number & e-mail of the Teacherin-charge | |
| Number of energy club classes held andfrequency. If yes, details thereof | |
| Was any problem faced during implementation of the programme? If yes, details thereof | |
| Any other specific observation orremarks | |

**Details of the Activities:**

| Sl. No. | Activities | Date of the Activities | Location | Target Group | Number of Participants (No. of Students/ Teachers/ Other Members ) | Write-up (Summary of the Activities) |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

Note: Attach relevant good quality photographs, newspaper clippings etc for each activity.

Signature of the
Energy club
In-Charge Teacher

Signature of the
Head of the Institution
with seal

# Photographs of different activities on Energy Conservation



*Quiz Competition*



*Drawing Competition*



*Awareness Rally*



*Awareness Rath*



*Model Competition*



*Awareness Meeting*

ଆସ ମିଳିମିଶି କରିବା ଶପଥ, ଶକ୍ତି ଅପଚୟ ରୋକିବା ନିଶ୍ଚିତ

ଶକ୍ତିର ବ୍ୟବହାର କମ୍ କରିବା, ଅଧିକ ଆମେ ଲାଭବାନ ହେବା

ଶକ୍ତି ହିଁ ଜୀବନ, କରିବା ଏହାର ସଂରକ୍ଷଣ

ଘରେ ଘରେ ଏଲ.ଇ.ଡି ବଲ୍‌ବ ବ୍ୟବହାର କରିବା
ଶକ୍ତି ସଂକଟକୁ ରୋକି ପାରିବା

ବିଦ୍ୟୁତ ଶକ୍ତି କିଛି ବଞ୍ଚାଇବା, ସବୁ ଗାଁକୁ ଆଲୋକ ଦେବା

ଶକ୍ତି ସଂରକ୍ଷଣ କରିବା ପାଇଁ, ଦେବାରେ ଆମେ ହାତ ବଢାଇ

ଅଧିକ ଷ୍ଟାର ଉପକରଣ ବ୍ୟବହାର କର, ଅଧିକ ବିଲ୍‌ର ଚିନ୍ତା ଦୂର କର

ସୁଜଳା ସୁଫଳା ଆମ ଭାରତ, ଶକ୍ତିକୁ ବଞ୍ଚାଇ ରଖ ମହତ

ମା'ମାଉସୀଙ୍କୁ ରହିଲା ରାଣ, ଶକ୍ତି ସଂରକ୍ଷଣ କରିବା ଜାଣ

ଅକ୍ଷୟ ଶକ୍ତି (ସୌର ଶକ୍ତି, ପବନ ଶକ୍ତି, ଜଳ ଶକ୍ତି ଇତ୍ୟାଦି)ର
ବ୍ୟବହାର କରିବା, ଅଧିକ ଆମେ ପରିବେଶ ସୁରକ୍ଷା କରିପାରିବା

Energy Club

# ENERGY CLUB GUIDELINE

**State Nodal Agency:**

**Centre for Environmental Studies (CES)**
Department of Forest, Env. & Climate Change, Govt. of Odisha
CRP-Ekamrakanan Road, Nayapalli, Bhubaneswar–751015
Tel.: 0674-2551853, Email: energyclubodisha@gmail.com
Website: www.cesodisha.org / www.ecoclubodisha.org
Follow us at **@CESOdishaGovt** on Facebook & Twitter

**Engineer-in-Chief (Electricity)-cum-PCEI**
Department of Energy, Govt. of Odisha
Power House Square, Bhubaneswar–751001
Tel.: 0674-2394878, Email: sdaorissa@nic.in
Website: www.eicelectricityodisha.nic.in
Follow us at **@aeicpcei** on Twitter

**Mo School Abhiyan Parichalana Sangathan**
Department of School & Mass Education, Govt. of Odisha
Toshali Bhawan, A1-Block, 6th Floor, Satya Nagar, Bhubaneswar-751007
Tel.: 0674-2572488, Email: office@moschool.net
Website: www.moschool.in
Follow us at **@MoSchoolOdisha** on Facebook & Twitter